ପ୍ରମେୟ
THE PRAMEYA

28th June, 2019

## ଟାଇମ୍ସ ହାୟର୍ ଏଜୁକେଶନ ୟଙ୍ଗ୍ ୟୁନିଭର୍ସିଟି ର୍ୟାଙ୍କିଂରେ ଆଇଆଇଟି ଭୁବନେଶ୍ୱର

# ଦେଶରେ ରିସର୍ଚ୍ଚ ସାଇଟେସନ୍ କ୍ଷେତ୍ରରେ ତୃତୀୟ

ଭୁବନେଶ୍ୱର,୨୭।୬(ବ୍ୟୁରୋ): ଭୁବନେଶ୍ୱର ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି(ଆଇଆଇଟି) କୁ ମିଳିଛି ବଡ଼ ମାନ୍ୟତା। ଦ ଟାଇମ୍ସ ହାୟର୍ ଏଜୁକେଶନ୍ ୟଙ୍ଗ ୟୁନିଭର୍ସିଟିର ର୍ୟାଙ୍କିଂ ତାଲିକାରେ ୧୫୧ରୁ ୨୦୦ ମଧ୍ୟରେ ସ୍ଥାନ ପାଇଛି। ସମଗ୍ର ବିଶ୍ୱର ଶିକ୍ଷାନୁଷ୍ଠାନଗୁଡ଼ିକ ଭାଗ ନେଇଥିବା ବେଳେ ଭାରତର ଶ୍ରେଷ୍ଠ ଜାତୀୟ ଶିକ୍ଷାନୁଷ୍ଠାନ ମଧ୍ୟରେ ପଞ୍ଚମ ସ୍ଥାନରେ ରହିଛି। ଅପରପକ୍ଷେ ସମଗ୍ର ଦେଶରେ ରିସର୍ଚ୍ଚ ସାଇଟେସନ୍‌ରେ ଭୁବନେଶ୍ୱର ଆଇଆଇଟି ତୃତୀୟ ସ୍ଥାନ ଅଧିକାର କରିଛି ବୋଲି ନିର୍ଦ୍ଦେଶକ ପ୍ରଫେସର ରୁଦ୍ରମ୍ ବସବ ରାଜକୁମାର ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ଏହି ଅବସରରେ ପ୍ରଫେସର ରାଜକୁମାର କହିଛନ୍ତି, ଭୁବନେଶ୍ୱର ଆଇଆଇଟି ଲଗାତର ନିଜର ସ୍ଥିତି ଅଭିବୃଦ୍ଧିରେ ଲାଗିପଡ଼ିଛି। ଗୁଣାତ୍ମକ ଶିକ୍ଷାଦାନ, ଗବେଷଣାକୁ ଗୁରୁତ୍ୱ ଦେବା ସହିତ ଅଭିଜ୍ଞ ତଥା ପ୍ରବୀଣ ଅଧ୍ୟାପକମାନଙ୍କୁ ନିଯୁକ୍ତି ଦିଆଯାଉଛି।